# ଅଷ୍ଟମ ପରିଚ୍ଛେଦ

## ବିବିଧ ବୃତ୍ତି

ପୂର୍ବ ପରିଚ୍ଛେଦମାନଙ୍କରେ କୃଷି, ଶିଳ୍ପ, ବ୍ୟାଙ୍କ କାରବାର, ବ୍ୟବସାୟ ଓ ବାଣିଜ୍ୟ ବିଷୟକ ଆଲୋଚନା ପ୍ରସଙ୍ଗରେ ଅର୍ଥନୀତିର ମୁଖ୍ୟ ଦିଗ ମାନ ଆଲୋଚିତ ହୋଇଅଛି । କିନ୍ତୁ ଲୋକମାନଙ୍କର ଅର୍ଥନୈତିକ ସ୍ଥିତିର ସମ୍ପୂର୍ଣ୍ଣ ଚିତ୍ର କେବଳ ସେହି ବିଷୟମାନଙ୍କ ଆଲୋଚନାରୁ ମିଳେ ନାହିଁ । ଏହି ଜିଲ୍ଲାର ଅନେକ ଲୋକ ଅନ୍ୟାନ୍ୟ ବୃତ୍ତି ମଧ୍ୟ ଗ୍ରହଣ କରିଥାଆନ୍ତି, ଯଥା : ସର୍ବସାଧାରଣ ପ୍ରଶାସନ, ବିଦ୍ୟା-ଭିତ୍ତିକ ବୃତ୍ତି (ଶିକ୍ଷକ, ଡାକ୍ତର, ଓକିଲ, ଯନ୍ତ୍ରୀ ଆଦି) ଏବଂ ସେବା । କେବଳ ବିଦ୍ବାନ୍ ଲୋକମାନେ ସର୍ବସାଧାରଣ ପ୍ରଶାସନ ଏବଂ ବିଦ୍ୟା-ଭିତ୍ତିକ ବୃତ୍ତି ଗ୍ରହଣ କରିଥାଆନ୍ତି । ସେମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅଳ୍ପ ହେଲେ ମଧ୍ୟ ଜିଲ୍ଲାର ସମସ୍ତ ବିଷୟ ପରିଚାଳନାରେ ସେମାନଙ୍କର ପ୍ରଭାବ ଅଧିକ । ପାରିବାରିକ ଏବଂ ବ୍ୟକ୍ତିଗତ ସେବା ମଧ୍ୟରେ ଭଣ୍ଡାରୀ, ଧୋବା, ଦର୍ଜି, ସୁନାରୀ, କମାର, ପୂଜାରୀ, ଡ୍ରାଇଭର ଆଦି ମାନଙ୍କର ସେବା ଅପରିହାର୍ଯ୍ୟ । ସାମାଜିକ ସ୍ଥିତିରେ ସେମାନଙ୍କର ସ୍ଥାନ ଗୁରୁତ୍ବପୂର୍ଣ୍ଣ ।

**ସର୍ବସାଧାରଣ ପ୍ରଶାସନ :**

ସର୍ବସାଧାରଣ ପ୍ରଶାସନ ବିଭାଗମାନଙ୍କରେ ବୃତ୍ତି ଗ୍ରହଣ କରିବା ପାଇଁ ଶିକ୍ଷିତ ଏବଂ ଅଶିକ୍ଷିତ ସମସ୍ତେ ଇଚ୍ଛୁକ । କାରଣ ଏ ପ୍ରକାର ବୃତ୍ତିର ସ୍ଥାୟିତ୍ବ ଦୃଢ ଏବଂ ସେଥିରେ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳେ । ୧୯୬୧ ଜନଗଣନା ଅନୁସାରେ ଅନେକ ବ୍ୟକ୍ତି ସର୍ବସାଧାରଣ ପ୍ରଶାସନ ବିଭାଗମାନଙ୍କରେ ନିଯୁକ୍ତ ଥିଲେ । ସେ ବିଷୟକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।*

| କ୍ରମିକ ସଂଖ୍ୟା (୧) | ବୃତ୍ତି (୨) | ପୁରୁଷ (୩) | ମହିଳା (୪) | ମୋଟ୍ (୫) |
|---|---|---|---|---|
| ୧. | କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ପ୍ରଶାସକ, କାର୍ଯ୍ୟପାଳିକା ଓ ପ୍ରତିରକ୍ଷା ବିଭାଗର ଅଧିକାରୀ ଏବଂ ସୈନ୍ୟବାହିନୀ | ୧୧୦ | — | ୧୧୦ |
| ୨. | ରାଜ୍ୟ ସରକାରଙ୍କ ଅଧୀନସ୍ଥ ପ୍ରଶାସକ ଏବଂ ଅନ୍ୟ ଅଧିକାରୀ | ୩୬୯ | — | ୩୬୯ |
| ୩. | ଗ୍ରାମ୍ୟ କର୍ମଚାରୀ | ୨୩୬ | ୧ | ୨୩୭ |
| | ମୋଟ୍ | ୭୧୫ | ୧ | ୭୧୬ |

**ସରକାରୀ କର୍ମଚାରୀମାନଙ୍କର ସୁବିଧା :**

ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନଙ୍କର ମୂଲ୍ୟ ବୃଦ୍ଧି ହେଲେ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କର ବେତନରେ ଆନୁପାତିକ ବୃଦ୍ଧି ହୁଏ । ଏହି ବୃଦ୍ଧିକୁ ମହଙ୍ଗା ଭତ୍ତା ବୋଲି କହନ୍ତି । ଏତଦ୍ ବ୍ୟତୀତ ବାସଗୃହ ନିର୍ମାଣ ପାଇଁ ଋଣ ମିଳେ । ସ୍ବଳ୍ପ ବେତନ ଭୋଗୀ କର୍ମଚାରୀମାନଙ୍କୁ ପର୍ବପର୍ବାଣିରେ ବିନା ସୁଧରେ ଋଣ ମିଳେ । ରହିବା ପାଇଁ ସରକାରୀ ବାସଗୃହ ଯୁକ୍ତିଯୁକ୍ତ ଭଡାରେ ମିଳେ । ସାଇକେଲ୍, ସ୍କୁଟର ଏବଂ ମୋଟର ଗାଡି କିଣିବା ପାଇଁ ମଧ୍ୟ ଋଣ ମିଳେ । ଗସ୍ତ ଖର୍ଚ୍ଚ ବ୍ୟତୀତ ନିଜର ଏବଂ ପରିବାରର ଚିକିତ୍ସା ପାଇଁ କରାଯାଇଥିବା ବ୍ୟୟ ସରକାରଙ୍କଠାରୁ ମିଳେ । ଏହି ସବୁ ସୁବିଧା ବ୍ୟତୀତ ଅର୍ଜିତ କିନ୍ତୁ ଅବ୍ୟୟିତ ଛୁଟିରୁ କିଛି ଅଂଶ ସରକାରଙ୍କୁ ସମର୍ପଣ କରିଦେଲେ ସେହି ଅଂଶ ପାଇଁ ଛୁଟିରେ ଯାଇଥିଲେ ଯାହା ବେତନ ଆଦି ମିଳିଥାଆନ୍ତା, ତାହା ମିଳେ ।

* District Census Hand Book, Kalahandi, 1961, p. 97.

Digitized by: Odishaarchives.gov.in for Gopabandhu Academy of Administration, Odisha

## ବିବିଧ ବୃତ୍ତି

କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କର୍ମଚାରୀ ଏବଂ ଭାରତୀୟ ଜୀବନ ବୀମା ନିଗମ, ଭାରତୀୟ ଖାଦ୍ୟ ନିଗମ ଆଦି କେନ୍ଦ୍ର ସରକାରଙ୍କର ବିଭିନ୍ନ ସଂସ୍ଥାର କର୍ମଚାରୀମାନଙ୍କୁ ମଧ୍ୟ ସେହି ପ୍ରକାର ସୁବିଧା ମିଳେ ।

### କର୍ମଚାରୀ ସଙ୍ଘ :

ଏହି ଜିଲ୍ଲାରେ ସରକାରଙ୍କ ଅଧୀନରେ ବା ବିଭିନ୍ନ ସାଧାରଣ ସଂସ୍ଥାମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଜିଲ୍ଲା ସ୍ତରରେ କୌଣସି ସଙ୍ଘ ନାହିଁ । କିନ୍ତୁ ସେମାନେ ରାଜ୍ୟ ସ୍ତରରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସଙ୍ଘମାନଙ୍କର ସଭ୍ୟ, ଯଥା : ଓଡ଼ିଶା ରାଜ୍ୟ ମିନିଷ୍ଟେରିଅଲ୍ ଅଫିସରମାନଙ୍କ ସଙ୍ଘ, ଅଣଗେଜେଟେଡ୍ କର୍ମଚାରୀ ସଙ୍ଘ, କ୍ଷିପ୍ର ଲେଖକ ସଙ୍ଘ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍‌ବୋର୍ଡ କର୍ମଚାରୀ ସଙ୍ଘ, ଓଡ଼ିଶା ରାଜ୍ୟ କନିଷ୍ଠ ଯନ୍ତ୍ରୀ ସଙ୍ଘ, ଓଡ଼ିଶା ପ୍ରଶାସନ ସେବା ସଙ୍ଘ ଏବଂ ଓଡ଼ିଶା ରାଜ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ ।

କର୍ମଚାରୀ ଭାବରେ ନିଜ ନିଜର ସ୍ୱାର୍ଥରକ୍ଷା କରିବା ପାଇଁ ଏବଂ ଅବସର ବିନୋଦନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନ କରିବା ପାଇଁ ସେମାନେ ବିଭିନ୍ନ ସଙ୍ଘର ସଭ୍ୟ ହୁଅନ୍ତି ।

### ବିଦ୍ୟା-ଭିତ୍ତିକ ବୃତ୍ତି :

ଓକିଲ, ଡାକ୍ତର, ଶିକ୍ଷକ, ପଶୁ ଚିକିତ୍ସକ, ଯନ୍ତ୍ରୀ, କଳାକାର, ଲେଖକ ଆଦିଙ୍କର ବୃତ୍ତି ବିଦ୍ୟାଭିତ୍ତିକ ।

### ଆଇନ ବ୍ୟବସାୟ :

ଆଇନ ବ୍ୟବସାୟରେ ତିନି ଶ୍ରେଣୀର ବ୍ୟକ୍ତି ନିଯୁକ୍ତ, ଯଥା : ଓକିଲ, ସେମାନଙ୍କର କିରାଣୀ ଏବଂ ନକସିନ୍ଧା (ଆବେଦନ ପତ୍ର ଲେଖକ) । ଏମାନେ ପ୍ରଚଳିତ ଆଇନ ଏବଂ ନିୟମ ଅନୁସାରେ ଦେଓ୍ୱାନୀ ଏବଂ ଫୌଜଦାରୀ ଅଦାଲତରେ ନ୍ୟାୟଲାଭ କରିବା ପାଇଁ ଜନସାଧାରଣଙ୍କୁ ସାହାଯ୍ୟ କରନ୍ତି । ସହରରେ ଅଦାଲତମାନ ସ୍ଥାପିତ ହୋଇ ଥିବାରୁ ସେମାନେ ସହରରେ ବାସ କରନ୍ତି । ଲୋକପ୍ରିୟତା ଏବଂ ମୋକଦ୍ଦମାର ଜଟିଳତା ଦୃଷ୍ଟେ ଓକିଲଙ୍କର ପାରିଶ୍ରମିକ ନିର୍ଦ୍ଧାରିତ ହୁଏ । ମୋକଦ୍ଦମାରେ ଜୟ ହେଉ ବା ପରାଜୟ ହେଉ, ସଂପୃକ୍ତ ପକ୍ଷ ଏହି ପାରିଶ୍ରମିକ ଦେବାପାଇଁ ବାଧ୍ୟ । ଏହି ବୃତ୍ତିରେ ସଫଳ ହେବା ପାଇଁ ଅଭିଜ୍ଞତା ଆବଶ୍ୟକ । ଏଣୁ ଏହି ବୃତ୍ତି ଗ୍ରହଣ ପରେ ପ୍ରଥମ କେତେବର୍ଷ ବୃତ୍ତିଧାରୀଙ୍କ ପକ୍ଷରେ କଷ୍ଟ ସମୟ । ତଥାପି ଏହା ସ୍ୱାଧୀନ ବୃତ୍ତି ହୋଇଥିବାରୁ ଅନେକ ଲୋକ ଏହାକୁ ଗ୍ରହଣ କରନ୍ତି । ରାଜନୀତିରେ ଯୋଗଦେଇ ଜନସେବା ଓ ପ୍ରତିଷ୍ଠା ଲାଭ କରିବା ପାଇଁ ଏହି ବୃତ୍ତି ସହାୟକ ।

୧୯୭୬ରେ ଜିଲ୍ଲାରେ ୮୯ ଜଣ ଓକିଲ ଥିଲେ । ଜିଲ୍ଲାର ସଦର ମହକୁମା ହୋଇଥିବାରୁ, ଭବାନୀପାଟଣାରେ ସର୍ବାଧିକ ସଂଖ୍ୟକ ଓକିଲ ବାସ କରନ୍ତି ।

| ସ୍ଥାନର ନାମ | ବର୍ଷ<br>୧୯୭୬ |
|---|---|
| ଭବାନୀପାଟଣା | ୪୯ |
| ନୂଆପଡ଼ା | ୧୭ |
| ଧର୍ମଗଡ | ୨୩ |
| ମୋଟ୍ | ୮୯ |

### ଚିକିତ୍ସା ବୃତ୍ତି :

୧୯୭୬ରେ ଚିକିତ୍ସା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବାରେ ୨୯୪ ବ୍ୟକ୍ତି ନିୟୋଜିତ ଥିଲେ । ସେମାନଙ୍କ ବିଷୟକ ବିବରଣ ନିମ୍ନରେ ପ୍ରଦତ୍ତ ହେଲା :



Digitized by: Odishaarchives.gov.in for Gopabandhu Academy of Administration, Odisha

| ବୃତ୍ତି<br>(୧) | ବ୍ୟକ୍ତିଙ୍କ ସଂଖ୍ୟା<br>(୨) |
|---|---|
| ଏଲୋପାଥିକ ଡାକ୍ତର | ୬୧ |
| ଆୟୁର୍ବେଦ ଚିକିତ୍ସକ | ୮ |
| ହୋମିଓପାଥି ଡାକ୍ତର | ୪ |
| ସେବିକା (ନର୍ସ) | ୨୬ |
| ଫାର୍ମାସିଷ୍ଟ | ୪୨ |
| ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା | ୧୭ |
| ସାହାଯ୍ୟକାରୀ ସେବିକା ଏବଂ ଧାଈ | ୩୩ |
| ସ୍ୱାସ୍ଥ୍ୟରକ୍ଷା ପରିଦର୍ଶକ (ସାନିଟାରୀ ଇନସ୍‌ପେକ୍ଟର) | ୪୨ |
| କନିଷ୍ଠ ସ୍ୱାସ୍ଥ୍ୟ କର୍ମୀ | ୮ |
| ଟୀକା ଦେବା କର୍ମୀ | ୫୩ |
| ମୋଟ୍ | ୨୯୪ |

ଉପରଲିଖିତ ସରକାରୀ କର୍ମଗ୍ରରୀଙ୍କ ବ୍ୟତୀତ ଅନେକ ବେସରକାରୀ ବ୍ୟକ୍ତି ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ।

୧୯୬୦ ମସିହାରେ ଖଡିଆଳସ୍ଥିତ ଆମେରିକାନ୍ ଏଭାନ୍‌ଜେଲିକାଲ୍ ମିଶନ୍ ଚିକିତ୍ସାଳୟର ନାମ ପରିବର୍ତ୍ତନ ହୋଇ ଏଭାନ୍-ଜେଲିକାଲ୍ ମିଶନ ଚିକିତ୍ସାଳୟ ରଖାଗଲା । ୧୯୬୭ରେ ଏହି ଚିକିତ୍ସାଳୟରେ ୫ ଜଣ ଡାକ୍ତର, ୨୨ ଜଣ ସେବିକା, ୨ ଜଣ ପରୀକ୍ଷାଗାର ବୈଷୟିକ କର୍ମୀ ଏବଂ ୨ ଜଣ ରଞ୍ଜନରଶ୍ମୀ କର୍ମୀ ନିଯୁକ୍ତ ଥିଲେ ।

ସାଧାରଣତଃ ଏଲୋପାଥିକ୍ ଡାକ୍ତରମାନଙ୍କର ଅର୍ଥନୈତିକ ସ୍ଥିତି ଉତ୍ତମ । ସେମାନଙ୍କୁ କର୍ମଗ୍ରରୀ ଭାବରେ ଯାହା ବେତନ ମିଳେ, ତାହା ଠାରୁ ସେମାନେ ଘରୋଇ ଚିକିତ୍ସା କରି ଅଧିକ ଆୟ କରନ୍ତି । ଏହି ବୃତ୍ତିରେ ନୂତନ ଡାକ୍ତରମାନେ ଅଭିଜ୍ଞ ଡାକ୍ତରମାନଙ୍କର ସମକକ୍ଷ ହେବା କଷ୍ଟକର ।

୧୯୪୬ରେ ଜଣେ ଆୟୁର୍ବେଦ ଚିକିତ୍ସକ ଥିଲେ । ୧୯୭୬ରେ ସେମାନଙ୍କର ସଂଖ୍ୟା ୮ କୁ ବୃଦ୍ଧି ପାଇଥିଲା । ୮ ଗୋଟି ଆୟୁର୍ବେଦ ଚିକିତ୍ସାଳୟରେ ବର୍ଷକୁ ପ୍ରାୟ ୪୦,୦୦୦ ରୋଗୀ ଚିକିତ୍ସିତ ହୁଅନ୍ତି । ଏହି ଚିକିତ୍ସାଳୟମାନ ଜିଲ୍ଲାରେ ଲୋକପ୍ରିୟ । ଉଚ୍ଚ ବେତନହାର ଏବଂ ସରକାରଙ୍କ ମଞ୍ଜୁରୀ ପ୍ରାପ୍ତ ଅନ୍ୟାନ୍ୟ ସୁବିଧା ମିଳୁଥିବାରୁ ଏହି ଚିକିତ୍ସାଳୟମାନଙ୍କର ସ୍ଥିତି ଉତ୍ତମ ।

ହୋମିଓପାଥି ଡାକ୍ତରମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଅଛି । ୧୯୪୯ରେ ଗୋଟିଏ ହୋମିଓପାଥି ଡାକ୍ତରଖାନା ଥିଲା । ବର୍ତ୍ତମାନ ଏହି ସଂଖ୍ୟା ୪ କୁ ବୃଦ୍ଧି ପାଇଅଛି । ସେହି ଡାକ୍ତରମାନଙ୍କର ଅର୍ଥନୈତିକ ସ୍ଥିତି ଆୟୁର୍ବେଦ ଚିକିତ୍ସକଙ୍କ ତୁଲ୍ୟ ।

ଆୟୁର୍ବେଦ ଏବଂ ହୋମିଓପାଥି ଔଷଧ ସୁଲଭ ଏବଂ ସହଜଲଭ୍ୟ ହୋଇଥିବାରୁ ଏହି ଚିକିତ୍ସା ପଦ୍ଧତି କ୍ରମଶଃ ଅଧିକତର ଲୋକପ୍ରିୟ ହେଉଅଛି ।

**ଶିକ୍ଷକ ବୃତ୍ତି :**

ଆଇନ୍, ଚିକିତ୍ସା ଏବଂ ଯାନ୍ତ୍ରିକ ବୃତ୍ତି ଅପେକ୍ଷା ବହୁ ଅଧିକ ଲୋକ ଶିକ୍ଷକ ବୃତ୍ତିରେ ନିୟୋଜିତ । ଶିକ୍ଷକମାନେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରନ୍ତି । ଜିଲ୍ଲାର ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ପ୍ରଭାବ ଉଲ୍ଲେଖଯୋଗ୍ୟ । ଜିଲ୍ଲାର ବିଦ୍ୟାଳୟ ସମୂହର ପରିଦର୍ଶକ ଏବଂ କଳାହାଣ୍ଡି ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କଠାରୁ ପ୍ରାପ୍ତ ତଥ୍ୟାବଳୀରୁ ଜଣାଯାଏ ଯେ ଶିକ୍ଷକ ବୃତ୍ତିରେ ୪,୯୪୨ ଜଣ ନିୟୋଜିତ । ତନ୍ମଧ୍ୟରୁ ଅଧିକାଂଶ ଭବାନୀପାଟଣା ଶିକ୍ଷା ଜିଲ୍ଲାରେ ଅବସ୍ଥାପିତ । ପ୍ରାଥମିକ ବିଦ୍ୟାଳୟମାନଙ୍କର ଶିକ୍ଷକ ସଂଖ୍ୟା ସର୍ବାଧିକ ।



Digitized by: Odishaarchives.gov.in for Gopabandhu Academy of Administration, Odisha

| ଶିକ୍ଷାନୁଷ୍ଠାନର ପ୍ରକାର | ୧୯୭୫-୭୬ ରେ ଶିକ୍ଷକମାନଙ୍କ ସଂଖ୍ୟା | | | |
|---|---|---|---|---|
| | ଭବାନୀପାଟଣା | ନୂଆପଡ଼ା | ଧର୍ମଗଡ଼ | ମୋଟ୍ |
| (୧) | (୨) | (୩) | (୪) | (୫) |
| ମହାବିଦ୍ୟାଳୟ | ୪୧ | — | — | ୪୧ |
| ଉଚ୍ଚ ଇଂରାଜୀ ବିଦ୍ୟାଳୟ | ୨୨୧ | ୧୨୫ | ୧୧୪ | ୪୬୦ |
| ମଧ୍ୟ ଇଂରାଜୀ ବିଦ୍ୟାଳୟ | ୧୯୭ | ୨୦୨ | ୩୧୦ | ୭୦୯ |
| ପ୍ରାଥମିକ ବିଦ୍ୟାଳୟ ଏବଂ ସେବାଶ୍ରମ | ୧,୪୨୪ | ୧,୧୧୬ | ୧,୧୯୨ | ୩,୭୩୨ |
| ମୋଟ୍ | ୧,୮୮୩ | ୧,୪୪୩ | ୧,୬୧୬ | ୪,୯୪୨ |

ଅଳ୍ପକାଳ ପୂର୍ବେ ବିଦ୍ୟାଳୟର ଶିକ୍ଷକମାନଙ୍କର ଅର୍ଥନୈତିକ ସ୍ଥିତି ବିଶେଷ ଭଲ ନଥିଲା । ଶିକ୍ଷକମାନେ ଦରିଦ୍ର କର୍ମଚାରୀ ବୋଲି ବିବେଚିତ ହେଉଥିଲେ । ବର୍ତ୍ତମାନ ଉଚ୍ଚ ବେତନ ହାର ପ୍ରଚଳିତ ହୋଇଥିବାରୁ ସେମାନଙ୍କର ଅର୍ଥନୈତିକ ସ୍ଥିତିରେ କିଞ୍ଚିତ୍ ଉନ୍ନତି ପରିଲକ୍ଷିତ ହୋଇଅଛି ।

**ପଶୁଚିକିତ୍ସା ବୃତ୍ତି :**

ସ୍ୱାଧୀନତା ପୂର୍ବରୁ ଏହି ଜିଲ୍ଲା ଗୃହପାଳିତ ପଶୁପକ୍ଷୀ ପାଳନ ବିଷୟରେ ଅନୁନ୍ନତ ଥିଲା । ରୋଗ ହେଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ହେଉ ନଥିଲା । ଫଳରେ ଗବାଦି ପଶୁ ଏବଂ କୁକ୍କୁଟାଦି ପକ୍ଷୀମାନଙ୍କର ସଂଖ୍ୟା ଓ ସ୍ୱାସ୍ଥ୍ୟ ହ୍ରାସ ପାଉଥିଲା । ସ୍ୱାଧୀନତା ପରେ ଗୃହପାଳିତ ପଶୁପକ୍ଷୀମାନଙ୍କର ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହା ଫଳରେ ପଶୁ ଡାକ୍ତର ଏବଂ ପଶୁ-ନିରୀକ୍ଷକମାନଙ୍କର (ପୂର୍ବେ ସେମାନଙ୍କୁ ଷ୍ଟକମ୍ୟାନ୍ ବୋଲି କୁହାଯାଉଥିଲା) ସେବା ଆବଶ୍ୟକ ହେଲା । ୧୯୭୬ରେ ୧୫୦ ଜଣ ବ୍ୟକ୍ତି ପଶୁଚିକିତ୍ସା ସେବାରେ ନିଯୋଜିତ ଥିଲେ । ତନ୍ମଧ୍ୟରୁ ୩୫ ଜଣ ଡାକ୍ତର, ଅନ୍ୟମାନେ ପଶୁ-ନିରୀକ୍ଷକ । ସେମାନେ ଚିକିତ୍ସାଳୟ, ଡାକ୍ତରଖାନା ଏବଂ ଅନ୍ୟ ସଂପୃକ୍ତ ସଂସ୍ଥାରେ ନିଯୋଜିତ ।

**କଳାକାର ଓ ଲେଖକ :**

୧୯୬୧ ଜନଗଣନା ଅନୁସାରେ ଜିଲ୍ଲାରେ ୩୫ ଜଣ କଳାକାର, ଲେଖକ ଏବଂ ଅନ୍ୟ ସଂପୃକ୍ତ ବୃତ୍ତିଧାରୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମାତ୍ର ମହିଳା ।

**ଅଭିଯାନ୍ତ୍ରିକ ବୃତ୍ତି :**

ଜିଲ୍ଲାରେ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରିବାପାଇଁ ବହୁ ଯନ୍ତ୍ରୀ, ସ୍ଥପତି, ସର୍ଭେୟର ଏବଂ ନକ୍ସା ଅଙ୍କନକାରୀ ଆଦି ଆବଶ୍ୟକ । ସେମାନେ ରାସ୍ତା ଓ ଗୃହନିର୍ମାଣ, ଜାତୀୟ ରାଜପଥ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଅଭିଯାନ୍ତ୍ରିକ ସଂସ୍ଥା, ବିଦ୍ୟୁତ୍, ଜଳସେଚନ ଏବଂ କୃଷି ବିଭାଗ ମାନଙ୍କରେ ଏବଂ ସରକାରଙ୍କର ବିଭିନ୍ନ ସଂସ୍ଥାମାନଙ୍କରେ ଅବସ୍ଥାପିତ । ୧୯୭୬ରେ ବିଭିନ୍ନ ପଦବୀରେ ନିଯୁକ୍ତ କର୍ମଚାରୀମାନଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

| ପଦବୀର ନାମ (୧) | ସଂଖ୍ୟା (୨) |
|---|---|
| ଯନ୍ତ୍ରୀ | ୨୨୫ |
| ନକ୍ସା ଅଙ୍କନକାରୀ | ୮ |
| ସର୍ଭେୟର | ୫ |
| ନକ୍ସା ନକଲକାରୀ | ୧୪ |
| ସ୍ଥପତି | .. |
| ଅନ୍ୟ ବୈଷୟିକ ବିଶେଷଜ୍ଞ | ୩୮ |



Digitized by: Odishaarchives.gov.in for Gopabandhu Academy of Administration, Odisha

**ପାରିବାରିକ ଏବଂ ବ୍ୟକ୍ତିଗତ ସେବା :**

ପାରିବାରିକ ଭୃତ୍ୟ, ଭଣ୍ଡାରି, ଧୋବା, ଦର୍ଜିଆଦି ଏହି ଶ୍ରେଣୀର ଅନ୍ତର୍ଗତ । କାଳକ୍ରମେ ଜନଜୀବନରେ ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ଫଳରେ ଏହି ସମସ୍ତ ବୃତ୍ତିରେ ବହୁ ପରିବର୍ତ୍ତନ ହେଲାଣି । କଳାହାଣ୍ଡି ଜିଲ୍ଲାରେ ଗୋତିପ୍ରଥା ପ୍ରଚଳିତ ଥିଲା । ୧୯୭୫ରେ ଗୋତି ଶ୍ରମିକ ପ୍ରଥା (ଉଚ୍ଛେଦ) ଅଦିନାନ୍ସ ଫଳରେ ୪୪ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଗଲା । ଆହୁରି ଅନେକଙ୍କ ବିଷୟ ବିଗ୍ରାଧୀନ ଅଛି ।

**ପାରିବାରିକ ଭୃତ୍ୟ :**

ପାରିବାରିକ ସେବାରେ ନିୟୋଜିତ ଥିବା ବ୍ୟକ୍ତିମାନେ ହେଲେ ଗୃହରକ୍ଷକ, ରୋଷେୟା, ଭୃତ୍ୟ ଏବଂ ଅନ୍ୟାନ୍ୟ ଆନୁସଂଗିକ କର୍ମୀ । ୧୯୬୧ ମସିହା ଜନଗଣନା ଅନୁଯାୟୀ ଜିଲ୍ଲାରେ ସେମାନଙ୍କର ସଂଖ୍ୟା ୧,୩୪୦ ଜଣ ଥିଲା (୬୦୬ ଜଣ ପୁରୁଷ, ୭୩୪ ଜଣ ମହିଳା) । ସେଥି ମଧ୍ୟରୁ ୨୬୩ (୧୦୭ ଜଣ ପୁରୁଷ, ୧୫୬ ଜଣ ମହିଳା) ଜଣ ସହରରେ ବାସ କରୁଥିଲେ । କଳାହାଣ୍ଡି ଜିଲ୍ଲାରେ ସହର ସଭ୍ୟତାର ବୃଦ୍ଧିଯୋଗୁ ସେମାନଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଥିବା ଅନୁମେୟ ।

ଗ୍ରାମାଞ୍ଚଳରେ ପାରିବାରିକ ଭୃତ୍ୟମାନଙ୍କର କାର୍ଯ୍ୟଧାରା ସହରଠାରୁ ପୃଥକ । ଗ୍ରାମରେ ପାରିବାରିକ ଭୃତ୍ୟମାନେ କୃଷି କାର୍ଯ୍ୟରେ ନିଯୁକ୍ତ ହୁଅନ୍ତି । ସହରରେ ପାରିବାରିକ ଭୃତ୍ୟମାନେ ଦିନଯାକ ବା ଦିନରେ କିଛି ସମୟ ପାଇଁ ନିଯୁକ୍ତ ହୁଅନ୍ତି ଏବଂ ପରିବାରର ବିଭିନ୍ନ କାର୍ଯ୍ୟ କରନ୍ତି । ଭବାନୀପାଟଣା, ଖଡିଆଳରୋଡ୍, ଯୁନାଗଡ, କେସିଙ୍ଗା ଏବଂ ଖଡିଆଳ ସହରମାନଙ୍କରେ ଅନେକ ମହିଳା ପାରିବାରିକ ଭୃତ୍ୟ ଭାବରେ ଜୀବିକା ନିର୍ବାହ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଧବା ଏବଂ ଦରିଦ୍ର । ନିଜର ସ୍ୱଳ୍ପ ଆୟ ବୃଦ୍ଧି ପାଇଁ ସେମାନେ ଏହି ବୃତ୍ତି ଗ୍ରହଣ କରନ୍ତି । ସହରରେ ପାରିବାରିକ ଭୃତ୍ୟମାନଙ୍କୁ ଟଙ୍କା ଆକାରରେ ପାରିଶ୍ରମିକ ମିଳେ । ଅନ୍ୟ ବୃତ୍ତି ତୁଳନାରେ ଏହି ପାରିଶ୍ରମିକ ସ୍ୱଳ୍ପ । ମାତ୍ର ଏହି ପାରିଶ୍ରମିକ ବ୍ୟତିତ ସେମାନଙ୍କୁ ସଂପୃକ୍ତ ପରିବାରରେ ଖାଦ୍ୟ, ପରିଚ୍ଛଦ ଏବଂ ବାସସ୍ଥାନ ମିଳେ । ଗ୍ରାମରେ ପାରିବାରିକ ଭୃତ୍ୟମାନଙ୍କୁ ଅର୍ଥ ବା ପଦାର୍ଥ ଆକାରରେ ପାରିଶ୍ରମିକ ମିଳେ । ସାଧାରଣତଃ ପାରିବାରିକ ଭୃତ୍ୟମାନଙ୍କର ପାରିଶ୍ରମିକ ଗ୍ରାମ ଅପେକ୍ଷା ସହରରେ ଅଧିକ ।

**ଧର୍ମ ସଂପୃକ୍ତ ସେବା :**

ପ୍ରାଚୀନ କାଳରୁ ହିନ୍ଦୁମାନେ ପ୍ରଗାଢ ଭକ୍ତିରେ ଅନେକ ପର୍ବପର୍ବାଣୀ ଏବଂ ଉତ୍ସବ ପାଳନ କରନ୍ତି । ଏହି ସମସ୍ତ କାର୍ଯ୍ୟ ପୁରୋହିତଙ୍କ ଦ୍ୱାରା ଅନୁଷ୍ଠିତ ହୁଏ । ଏହି କାରଣରୁ ପୁରୋହିତମାନଙ୍କ ବୃତ୍ତି ସମାଜରେ ଅପରିହାର୍ଯ୍ୟ । ବୈଜ୍ଞାନିକ ଶିକ୍ଷାର ପ୍ରସାର ଫଳରେ ପୌରୋହିତ୍ୟ ଏବଂ ଧର୍ମ ସଂପୃକ୍ତ ଅନ୍ୟାନ୍ୟ ବୃତ୍ତିର ମହତ୍ତ୍ୱ ଓ ସମ୍ମାନ କ୍ରମଶଃ ହ୍ରାସ ହେଉଅଛି । ବର୍ତ୍ତମାନ ଅନେକ ଲୋକ ଏହି ସବୁ ପର୍ବପର୍ବାଣି ଓ ଉତ୍ସବର ଉପଯୋଗିତା ବିଷୟରେ ସନ୍ଦେହ ପ୍ରକାଶ କରୁଅଛନ୍ତି । ଏହି ପ୍ରକାର ମନୋଭାବ ଯୋଗୁଁ ପୌରୋହିତ୍ୟ ବୃତ୍ତିର ଅଧଃପତନ ଘଟିଅଛି । ଅନେକ ପୁରୋହିତ ବର୍ତ୍ତମାନ ଅଧିକତର ଅର୍ଥକାରୀ ଅନ୍ୟାନ୍ୟ ବୃତ୍ତି ଗ୍ରହଣ କରିବାକୁ ଇଚ୍ଛୁକ । ୧୯୬୧ ଜନ ଗଣନା ଅନୁସାରେ ଦୀକ୍ଷିତ ପୁରୋହିତ, ଅଦୀକ୍ଷିତ ପୁରୋହିତ, ଜ୍ୟୋତିଷ, ସାମୁଦ୍ରିକ ଶାସ୍ତ୍ର ବିତ୍ ଏବଂ ଅନ୍ୟ ସଂପୃକ୍ତ ବୃତ୍ତିଧାରୀଙ୍କ ସଂଖ୍ୟା ୨୪୪ ଥିଲା । ତନ୍ମଧ୍ୟରୁ ୫୭ ଜଣ ସହରବାସୀ ।

**ବାଳକଟା :**

ବାଳକାଟିବା ଭଣ୍ଡାରିମାନଙ୍କର କୌଳିକ ବୃତ୍ତି । ଗ୍ରାମରେ ଭଣ୍ଡାରି ଗୋଟିଏ ଛୋଟ ବାକ୍ସରେ ବାଳକାଟିବା ଏବଂ କ୍ଷୌର କରିବା ଯନ୍ତ୍ର ଧରି ବୃତ୍ତି ଅନ୍ୱେଷଣରେ ଦ୍ୱାର ଦ୍ୱାର ବୁଲେ । ବର୍ତ୍ତମାନ ମଧ୍ୟ ଅନେକ ଲୋକ ପଦାର୍ଥ ଆକାରରେ ଭଣ୍ଡାରିକୁ ପାରିଶ୍ରମିକ ଦିଅନ୍ତି । ୧୯୬୧ ଜନ ଗଣନା ସମୟରେ କଳାହାଣ୍ଡି ଜିଲ୍ଲାରେ ୨୪୯ ଜଣ ଭଣ୍ଡାରି ଏବଂ ସଂପୃକ୍ତ ବୃତ୍ତିଧାରୀ ବ୍ୟକ୍ତି ଥିଲେ । ସେଥି ମଧ୍ୟରୁ ୩୭ ଜଣ ସହରବାସୀ ।୧୯୭୬ ରେ କଳାହାଣ୍ଡି ଜିଲ୍ଲାର ପୌରସଂସ୍ଥା ସମୂହ କରାଇଥିବା ଅନୁସନ୍ଧାନରୁ ଜଣାଗଲାଯେ କେସିଂଗା, ଭବାନୀପାଟଣା, ଖଡିଆଳ, ଖଡିଆଳ ରୋଡ୍ ଏବଂ ଜୁନାଗଡରେ ମୋଟ୍ ୪୩ ଗୋଟି ବାଳକଟା ଦୋକାନ (ସାଲୁନ୍) ଅଛି । ସେଥି ମଧ୍ୟରୁ ଅଧିକାଂଶରେ କେବଳ ମାଲିକ ସମସ୍ତ କାର୍ଯ୍ୟ କରନ୍ତି । କେହି କେହି ଗୋଟିଏ କୋଠରୀ ବା କାଠ କ୍ୟାବିନ୍ ଭଡାନେଇ ସେଥିରେ ସାଲୁନ୍ କରନ୍ତି । ଏହି ଭଡାର ପରିମାଣ ମାସକୁ ୨୫ ରୁ ୬୦ ଟଙ୍କା ପର୍ଯ୍ୟନ୍ତ । ଉପଯୁକ୍ତ ଅନୁସନ୍ଧାନରୁ ଆହୁରି ମଧ୍ୟ ଜଣାଗଲାଯେ ଏହି ସାଲୁନ୍ ମାନଙ୍କରେ ୭୬ ଜଣ ବ୍ୟକ୍ତି କାର୍ଯ୍ୟ କରୁଥିଲେ । ସାଧାରଣତଃ ସାଲୁନ୍ ମାଲିକ ସାଲୁନ୍ ଚଳାନ୍ତି । କିନ୍ତୁ ବଡ ବଡ ସାଲୁନ୍‌ରେ ମାଲିକ ଅନ୍ୟ କାରିଗର ମଧ୍ୟ ନିଯୁକ୍ତ କରିଥାନ୍ତି । ସେମାନଙ୍କୁ ଧାର୍ଯ୍ୟ ବେତନ ମିଳେ. କିମ୍ବା କାର୍ଯ୍ୟର ପରିମାଣ ଅନୁ[illegible]ରେ ପାରିଶ୍ରମିକ ମିଳେ । ଏହିପରି ଜଣେ କାରିଗରର ମାସିକ ଆୟ ୬୦ ରୁ ୧୨୦ ଟଙ୍କା ପର୍ଯ୍ୟନ୍ତ । ଜଣେ ସାଲୁନ୍ ମାଲିକର ଆ[illegible] ୧[illegible]୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍[illegible] ବାଳକଟା ସାଲୁନ୍‌ର ପ୍ରଚଳନ ଯୋଗୁଁ, ବିଶେଷତଃ ସହରରେ, ଭଣ୍ଡାରିମାନେ ଦ୍ୱାର ଦ୍ୱାର ବୁଲି ବା[illegible]କ[illegible]ଟିବା ଏବଂ କ୍ଷୌର କରିବା ପ୍ରଥା ଶୀଘ୍ର ଲୋପ ପାଇ ଯାଉଅଛି । ସାଲୁନ୍‌ରେ ବାଳ କାଟିବା ପାଇଁ ଅନେକ ଲୋକ ଆସନ୍ତି ।



Digitized by: Odishaarchives.gov.in for Gopabandhu Academy of Administration, Odisha

**ଲୁଗାସଫା ଦୋକାନ ବା ଲଣ୍ଡ୍ରି :**

ଲୁଗା କାଚିବା ଓ ଲୁଗା ସଫା କରିବା ପୂର୍ବକାଳରେ ଧୋବାମାନଙ୍କର କୌଳିକ ବୃତ୍ତି ଥିଲା । ସେମାନେ ବିଭିନ୍ନ ପରିବାରରୁ ମଇଳା ଲୁଗା ସଂଗ୍ରହ କରି ସଫା କରୁଥିଲେ । ଗ୍ରାମରେ ଏବଂ ଅନେକ କ୍ଷେତ୍ରରେ ସହରରେ ଏହି ପ୍ରଥା ବର୍ତ୍ତମାନ ମଧ୍ୟ ପ୍ରଚଳିତ । ସହର ବାସର ପ୍ରସାର, ଶିକ୍ଷାର ବିସ୍ତାର, ଜନସାଧାରଣଙ୍କର ଆୟର ଅପେକ୍ଷାକୃତ ବୃଦ୍ଧି ଫଳରେ ଧୋବାମାନଙ୍କର ସେବାର ଆବଶ୍ୟକତା ମଧ୍ୟ ବୃଦ୍ଧି ହୋଇଅଛି । ଅଧିକାଂଶ ଲଣ୍ଡ୍ରିର ମାଲିକ ଧୋବା । ମାତ୍ର ବ୍ୟବସାୟ ସୂତ୍ରରେ ଅନ୍ୟ ଜାତିର ଲୋକ ମଧ୍ୟ ଲଣ୍ଡ୍ରି ସ୍ଥାପନ କରିଅଛନ୍ତି । ଲଣ୍ଡ୍ରିସବୁ ସାଧାରଣତଃ ସହରରେ ଅବସ୍ଥିତ । ଗ୍ରାମରେ ଲଣ୍ଡ୍ରି କ୍ବଚିତ୍ ଦେଖାଯାଏ । ୧୯୭୧ ଜଣଗଣନା ଅନୁସାରେ ଏହି ବୃତ୍ତିରେ ନିଯୁକ୍ତ ବ୍ୟକ୍ତିମାନଙ୍କ ସଂଖ୍ୟା ୭୨୯ । ତନ୍ମଧ୍ୟରୁ ୧୬୬ ଜଣ (୧୦୯ ଜଣ ପୁରୁଷ ଏବଂ ୫୭ ଜଣ ମହିଳା) ସହରବାସୀ ।

କଳାହାଣ୍ଡି ଜିଲ୍ଲାରେ ଅଧିକାଂଶ ଲଣ୍ଡ୍ରିର ପାରିବାରିକ, କର୍ତ୍ତା ପରିବାରର ଅନ୍ୟମାନଙ୍କ ସାହାଯ୍ୟରେ କାର୍ଯ୍ୟ ପରିଚାଳନା କରେ । ବଡ ବଡ ଲଣ୍ଡ୍ରିରେ ମାସିକ ବେତନରେ କେତେକ ଶ୍ରମିକ ମଧ୍ୟ କାର୍ଯ୍ୟ କରନ୍ତି । ଏହି ଲଣ୍ଡ୍ରିସବୁ ଭଡାଘର କିମ୍ବା କାଠ କ୍ୟାବିନ୍‌ରେ ସ୍ଥାପିତ । ସେଥିପାଇଁ ମାସିକ ପ୍ରାୟ ୧୫ ରୁ ୭୫ ଟଙ୍କା ପର୍ଯ୍ୟନ୍ତ ଭଡା ଦେବାକୁ ପଡେ । ଭଡାର ପରିମାଣ ଘର ଏବଂ କ୍ୟାବିନ୍‌ର ଅବସ୍ଥା ଏବଂ ଅବସ୍ଥିତି ଉପରେ ନିର୍ଭର କରେ ।

ସାଧାରଣତଃ ଦରିଦ୍ର ଲୋକମାନେ ସେମାନଙ୍କର ଲୁଗା ଲଣ୍ଡ୍ରିରେ ସଫା କରାନ୍ତି ନାହିଁ । ସଫା ହୋବା ପାଇଁ ଆସୁଥିବା ଲୁଗାର ସଂଖ୍ୟା ଅନୁସାରେ ଲଣ୍ଡ୍ରିମାନଙ୍କର ଆୟ ହୁଏ । ଗୋଟିଏ ଲଣ୍ଡ୍ରିର ମାସିକ ଆୟ ୧୦୦ ରୁ ୨୦୦ ଟଙ୍କା ମଧ୍ୟରେ ।

**ଚା’ ଦୋକାନ :**

ଗତ କେତେ ଦଶକ ମଧ୍ୟରେ ସହର ଏବଂ ଗ୍ରାମମାନଙ୍କରେ ଚା’ ର ପ୍ରସାର ଦ୍ରୁତ ଗତିରେ ବଢିଅଛି । ଜନସାଧାରଣଙ୍କର ଆବଶ୍ୟକତା ଅନୁସାରେ ଜିଲ୍ଲାରେ ସର୍ବତ୍ର ଚା’ ଦୋକାନମାନ ଛତୁ ଫୁଟିଲା ପରି ଖୋଲି ଯାଉଛି । ୧୯୭୬ ରେ ଜିଲ୍ଲାର ୫ ଗୋଟି ସହର, ଯଥା : ଭବାନୀପାଟଣା, ଖଡିଆଳରୋଡ୍, ଖଡିଆଳ, କେସିଂଗା ଓ ଜୁନାଗଡରେ ୧୦୬ ଗୋଟି ଚା’ ଦୋକାନ ଚଳାଇବା ପାଇଁ ଦୁଗ୍ଧ ଏବଂ ଚିନି ଆବଶ୍ୟକ ହୁଏ । ପ୍ରାୟ ସବୁ ଗୋ ଏବଂ ମହିଁଷ ଦୁଗ୍ଧ ଚା’ ପ୍ରସ୍ତୁତ କରିବାରେ ବ୍ୟବହୃତ ହୁଏ । ଲୋକମାନେ ପ୍ରାୟଶଃ ଦୁଗ୍ଧପାନ କରନ୍ତି ନାହିଁ । କିନ୍ତୁ ନିୟମିତ ଭାବରେ ଚା’ ପାନ କରନ୍ତି । ଦୁଗ୍ଧର ଅଭାବରେ ଶିଶୁଖାଦ୍ୟ ଯଥା : ଅମୁଲ୍ ଦୁଧ ଏବଂ ଗୁଣ୍ଡ ଦୁଧ ଚା’ ଓ କଫି ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ହୁଏ । ଦୁଗ୍ଧର ମୂଲ୍ୟ ବୃଦ୍ଧି ହେତୁ ଚା’ ଓ କଫିର ମଧ୍ୟ ମୂଲ୍ୟ ବୃଦ୍ଧି ଘଟିଅଛି । ୧୯୭୬ ରେ କପେ ଚା’ର ମୂଲ୍ୟ ୨୦ କିମ୍ବା ୩୦ ପଇସା ଓ କପେ କଫିର ମୂଲ୍ୟ ୫୦ ରୁ ୭୫ ପଇସା ଥିଲା । ଚା’ ଓ କଫିର ଗୁଣ ଓ ପରିମାଣ ଅନୁସାରେ ମୂଲ୍ୟରେ ତାରତମ୍ୟ ଘଟେ । ଗ୍ରହକମାନଙ୍କର ସୁବିଧା ପାଇଁ ଅଧିକାଂଶ ଚା’ ଦୋକାନରେ ଜଳଖିଆ ମଧ୍ୟ ବିକ୍ରୀ ହୁଏ । ଦୋକାନର ବିସ୍ତାର ଏବଂ ଅବସ୍ଥିତି ଅନୁସାରେ ଆୟ ହୁଏ । ଜିଲ୍ଲାର ସଦର ମହକୁମା ଭବାନୀପାଟଣାରେ ଅବସ୍ଥିତ ଚା’ ଦୋକାନମାନଙ୍କର ଆୟ ଅନ୍ୟାନ୍ୟ କ୍ଷୁଦ୍ର ସହରମାନଙ୍କ ତୁଳନାରେ ଅଧିକ । ଦୋକାନ ଚଳାଇବା ପାଇଁ ମାଲିକର ଜଣେ ଦୁଇଜଣ ସାହାଯ୍ୟକାରୀ ରହନ୍ତି । ସେମାନେ ଚା’ ପ୍ରସ୍ତୁତ କରିବା ଏବଂ ଖାଇବା ପିଇବା ପାତ୍ର ପରିଷ୍କାର କରିବାରେ ମାଲିକଙ୍କୁ ସାହାଯ୍ୟ କରନ୍ତି ।

**ପାନ ବିଡି ଦୋକାନ :**

ଜିଲ୍ଲାରେ ପାନ ବିଡି ଦୋକାନର ସଂଖ୍ୟା ଅପେକ୍ଷାକୃତ ଅଳ୍ପ । ସାଧାରଣତଃ ଦୋକାନୀମାନେ ଗଛମୂଳରେ ଗୋଟିଏ ଉଚ୍ଚସ୍ଥାନରେ, କାଠ କ୍ୟାବିନ୍‌ରେ, ହୋଟେଲ୍ ବା ସିନେମା ଘର ପାଖରେ, ରେଳଷ୍ଟେସନ୍‌ରେ, ବସ୍‌ଷ୍ଟାଣ୍ଡରେ, ବଜାର ଆଦି ସ୍ଥାନରେ ଦୋକାନ ବସାନ୍ତି । କେତେକ ପାନ ବିଡି ଦୋକାନ ଖିଲପାନ, ବିଡି, ସିଗାରେଟ୍ ଓ ଦିଆସିଲ ବିକ୍ରୟ କରନ୍ତି । ଆଉ କେତେକ ଏହା ଛଡା ସାବୁନ୍, ସ୍ନୋ, ପାଉଡର୍, ମୁଣ୍ଡରେ ଲଗାଇବା ତେଲ, ପାନିଆ, ମହମବତୀ, ଟଫି, ସୋଡା, ବିସ୍କୁଟ ଆଦି ମଧ୍ୟ ବିକ୍ରୟ କରନ୍ତି ।

୧୯୭୬ ରେ ଜିଲ୍ଲାର ଭବାନୀପାଟଣା, କେସିଙ୍ଗା, ଖଡ଼ିଆଳ, ଜୁନାଗଡ଼, ଓ ଖଡ଼ିଆଳ ରୋଡ଼ରେ ୮୭ ଗୋଟି ପାନ ବିଡି ଦୋକାନ ଥିଲା । ଏହି ଦୋକାନମାନଙ୍କରେ ୧୨୬ ଜଣ ନିୟୋଜିତ । ଦୋକାନର ବିସ୍ତାର ଏବଂ ଅବସ୍ଥିତି ଅନୁସାରେ ଆୟ ହୁଏ ।

**ସାଇକେଲ ମରାମତି ଦୋକାନ :**

ଶସ୍ତା ଓ ସୁବିଧାଜନକ ହୋଇଥିବାରୁ ସାଇକେଲ୍ ସର୍ବସାଧାରଣଙ୍କ ଯାନ ରୂପେ ପରିଚିତ । ସାଇକେଲ୍‌କୁ ଭଲ ଅବସ୍ଥାରେ ରଖିବା ପାଇଁ ସାଇକେଲ୍ ମରାମତି ଦୋକାନର ଆବଶ୍ୟକତା ସ୍ୱୀକାର୍ଯ୍ୟ । ୧୯୭୬ ରେ ଜିଲ୍ଲାର ୫ ଗୋଟି ସହରରେ ୪୨ ଗୋଟି ସାଇକେଲ୍ ମରାମତି ଦୋକାନ ଥିଲା । ସେଥିରେ ୭୬ ଜଣ ବ୍ୟକ୍ତି ନିୟୋଜିତ ଥିଲେ । ଛୋଟ ଦୋକାନ ଜଣେ ଚଳାଏ । ବଡ ଦୋକାନ ଚଳାଇବା ପାଇଁ ଦୁଇ ତିନି ଜଣ ବ୍ୟକ୍ତିର ଆବଶ୍ୟକତା ହୁଏ । ଅନେକ ଦୋକାନରେ ପିଲାମାନେ ମଧ୍ୟ ଛୋଟ ଛୋଟ କାମ କରିବାକୁ ନିଯୁକ୍ତ ହୁଅନ୍ତି । କରିଗରମାନଙ୍କୁ ମାସକୁ ୩୦ ରୁ ୭୫ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ମିଳେ । ଗୋଟିଏ ଦୋକାନର ମାସିକ ମୋଟ ଆୟ ୧୦୦ ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ହୁଏ । ଏହି ଦୋକାନମାନଙ୍କରେ ଷ୍ଟୋଭ ଏବଂ ପେଟ୍ରୋମାକ୍ସ ମଧ୍ୟ ମରାମତି ହୁଏ ।



Digitized by: Odishaarchives.gov.in for Gopabandhu Academy of Administration, Odisha

**ଦର୍ଜିକାମ :**

ଅନେକ କାଳରୁ ଦର୍ଜିକାମ ସମାଜର ଏକ ଅତି ଆବଶ୍ୟକ ସେବା । ୧୯୬୧ ରେ ୩୧୯ ଜଣ, ଦର୍ଜି ଏବଂ ତତ୍ ସଂପୃକ୍ତ କାର୍ଯ୍ୟ କରୁଥିଲେ । ସେମାନଙ୍କ ମଧ୍ୟରୁ ୧୧୫ ଜଣ ସହରବାସୀ । ୧୯୭୧ ରେ ସହରମାନଙ୍କରେ ମୋଟ ୧୦୩ ଗୋଟି ଦର୍ଜି ଦୋକାନ ଥିଲା ଏବଂ ସେଥିରେ ୧୯୬ ଜଣ ବ୍ୟକ୍ତି ନିଯୁକ୍ତ ହୋଇଥିଲେ । ଛୋଟ ଦର୍ଜି ଦୋକାନରେ ସାଧାରଣତଃ ଗୋଟିଏ ସିଲାଇ କଳ ଓ ମଧ୍ୟମ ଧରଣର ଦୋକାନରେ ଦୁଇ ବା ତିନିଗୋଟି ସିଲାଇ କଳ ଥାଏ । ସାଧାରଣତଃ ଏହି ଦୋକାନମାନଙ୍କରେ ମାଲିକର ପରିବାରର ଲୋକମାନେ ନିଯୁକ୍ତ । ଛୋଟ ପିଲାମାନେ ବୋତାମ ସିଲାଇ, ପୋଷାକ ମରାମତି ଆଦି କରନ୍ତି । ସୁପ୍ରତିଷ୍ଠିତ ଦୋକାନରେ ୩ ରୁ ୪ ଜଣ କାରିଗର କାମ କରନ୍ତି । କେତେକ କାରିଗରଙ୍କୁ କାମ ଅନୁସାରେ ପାରିଶ୍ରମିକ ମିଳେ । ଆଉ କେତେକ ମାସିକ ବେତନ ପାଆନ୍ତି । କାରିଗରୀ କୌଶଳର ଉତ୍କର୍ଷ ଏବଂ ଖ୍ୟାତି ଅନୁସାରେ ବିଭିନ୍ନ ଦୋକାନରେ ଓ ବିଭିନ୍ନ ସ୍ଥାନରେ ସିଲାଇ ମଜୁରୀରେ ବହୁ ତାରତମ୍ୟ ଦେଖାଯାଏ । ଗୋଟିଏ ଦର୍ଜି ଦୋକାନର ମାସିକ ଆୟ ୧୦୦ ରୁ ୪୦୦ ଟଙ୍କା ମଧ୍ୟରେ । ମେଳା, ପର୍ବପର୍ବାଣି ଏବଂ ଉତ୍ସବ ସମୟରେ ଏହି ଦୋକାନମାନଙ୍କରେ ଅପେକ୍ଷାକୃତ ଅଧିକ କାର୍ଯ୍ୟ ହୁଏ । ବର୍ଷା ଋତୁରେ କାର୍ଯ୍ୟର ପରିମାଣ ହ୍ରାସ ପାଏ । ଅଧାରୁ ଅଧିକ ଦୋକାନ ଭଡାଘରେ ଚଳେ । ମାସିକ ଭଡା ୧୫ ରୁ ୫୦ ଟଙ୍କା ପର୍ଯ୍ୟନ୍ତ ।

**ଦୋକାନ ଓ ବାଣିଜ୍ୟ ସଂସ୍ଥାରେ ନିଯୁକ୍ତ :**

ଓଡିଶା ଦୋକାନ ଏବଂ ବାଣିଜ୍ୟ ସଂସ୍ଥା ଆଇନ୍, ୧୯୫୬, ଜିଲ୍ଲାର ପାଞ୍ଚଗୋଟି ସହର, ଯଥା : ଭବାନୀପାଟଣା, କେସିଙ୍ଗା, ଖଡିଆଳ, ଖଡିଆଳରୋଡ୍ ଓ ଜୁନାଗଡରେ ପ୍ରବର୍ତ୍ତିତ । ଶ୍ରମ ଅଧିକାରୀମାନେ ଏହି ସ୍ଥାନମାନଙ୍କରେ ଅବସ୍ଥିତ ଦୋକାନ ଏବଂ ସଂସ୍ଥାମାନ ପରିଦର୍ଶନ କରି ସେଥିରେ ନିଯୁକ୍ତ କର୍ମଚାରୀମାନଙ୍କୁ ନିୟମିତ ଦରମା ଏବଂ ଛୁଟି ମିଳୁଅଛି କି ନାହିଁ ଏବଂ ସେମାନଙ୍କର କାର୍ଯ୍ୟର ସମୟସୀମା ନିର୍ଦ୍ଦିଷ୍ଟ ହୋଇଅଛି କି ନାହିଁ ତାହା ଯାଞ୍ଚ କରନ୍ତି । ସେମାନେ ମଧ୍ୟ କର୍ମଚାରୀମାନଙ୍କର ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ ସୁଖ ସ୍ୱାଚ୍ଛନ୍ଦ୍ୟ ବିଷୟରେ ଦୃଷ୍ଟି ରଖନ୍ତି । ଡିସେମ୍ବର ୧୯୭୫ ଶେଷ ସୁଦ୍ଧା ପୂର୍ବୋକ୍ତ ପାଞ୍ଚ ଗୋଟି ସହରରେ ୮୦ ଗୋଟି ଦୋକାନ ଏବଂ ୮୨ ଗୋଟି ବାଣିଜ୍ୟ ସଂସ୍ଥା ଥିଲା । ସେଥିରେ ୭୨୬ ଜଣ ବ୍ୟକ୍ତି ନିଯୁକ୍ତ ଥିଲେ ।

**ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନର୍ :**

ବିଗତ କେତେ ବର୍ଷ ମଧ୍ୟରେ ସଡକ ପରିବହନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହେବା ଫଳରେ ଡ୍ରାଇଭର୍, କଣ୍ଡକ୍ଟର ଓ କ୍ଲିନର୍‌ମାନଙ୍କର ସଂଖ୍ୟା ବହୁତ ବୃଦ୍ଧି ପାଇଅଛି । ୧୯୭୬ ରେ ୭୪୧ ଜଣ ବ୍ୟକ୍ତି ଲଘୁ ଏବଂ ଗୁରୁ ମୋଟର୍ ଗାଡି ଚଳାଉଥିଲେ । ୧୯୭୬-୭୭ ରେ ୬୫ ଜଣ ବସ କଣ୍ଡକ୍ଟର ଏବଂ ୫୮ ଜଣ କ୍ଲିନର୍ ଭାବରେ ନିୟୋଜିତ ଥିଲେ । ୧୯୭୬-୭୭ ରେ ୬୫ ଜଣ ସାଇକେଲ ରିକ୍‌ସା ଚାଳକ ଥିଲେ । ସେମାନେ ପାରିଶ୍ରମିକ ବିନିମୟରେ ଯାତ୍ରୀ ଏବଂ ଅଳ୍ପ ଓଜନର ମାଲ୍ ସରବରାହ କରନ୍ତି । ସେମାନଙ୍କ ସଂଖ୍ୟା ଅନ୍ୟ ସହର ତୁଳନାରେ ଭାବାନୀପାଟଣାରେ ଅଧିକ ।

ଏତଦ୍‌ବ୍ୟତୀତ ଶଗଡ ଚାଳକ ମଧ୍ୟ ଅଛନ୍ତି । ୧୯୭୬-୭୭ ରେ ସେମାନଙ୍କ ସଂଖ୍ୟା ଥିଲା ୧୫୩୬ ।

**ଅନ୍ୟାନ୍ୟ ଆବଶ୍ୟକ ବୃତ୍ତି :**

ଉପରଲିଖିତ ବୃତ୍ତି ବ୍ୟତୀତ ନିମ୍ନଲିଖିତ ବୃତ୍ତିଧାରୀ ବ୍ୟକ୍ତିମାନେ ସମାଜର ଉପକାରୀ । ୧୯୬୧ ଜନଗଣନା ଅନୁସାରେ ସେମାନଙ୍କର ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା :*

| କ୍ରମିକ ସଂଖ୍ୟା (୧) | ବୃତ୍ତି (୨) | ବୃତ୍ତିଧାରୀଙ୍କ ସଂଖ୍ୟା (୩) |
|---|---|---|
| ୧. | କମାର | ୨,୬୬୮ |
| ୨. | ବଣିଆ | ୪୨୭ |
| ୩. | ବଢେଇ | ୫୬୯ |
| ୪. | ଟୋକେଇ ଆଦି ବୁଣିବା କାରିଗର | ୨,୫୩୦ |

*District Census Hand Book, Kalahandi, 1961, pp. 96-104.



Digitized by: Odishaarchives.gov.in for Gopabandhu Academy of Administration, Odisha

| (୧) | (୨) | (୩) |
| --- | --- | --- |
| ୫. | କୁମ୍ଭାର | ୨,୬୭୧ |
| ୬. | ଗୁଡ଼, ଡାଲି, ଚୂଡ଼ା, ମୁଢ଼ି ଆଦି ପ୍ରସ୍ତୁତ କରିବା ବ୍ୟକ୍ତି | ୩,୮୯୨ |
| ୭. | ଫଟୋଗ୍ରାଫର୍ ଆଦି | ୯ |
| ୮. | ସୂତା ତିଆରି, ଲୁଗାବୁଣା, ଲୁଗାରଙ୍ଗ କରିବା ଆଦି ବୃତ୍ତିରେ ନିୟୋଜିତ | ୮,୧୫୦ |
| ୯. | କେଉଟ | ୪୫୪ |
| ୧୦. | ବହି ଛପାଇବା, ବହି ବନ୍ଧାଇବା ଆଦି ବୃତ୍ତିରେ ନିୟୋଜିତ | ୭ |
| ୧୧. | ବୁଲାବିକାଳୀ | ୯୩ |
| ୧୨. | ଇଲେକ୍‌ଟ୍ରିକ୍ ମିସ୍ତ୍ରୀ | ୨୫ |
| ୧୩. | କାଠ କଟାଳୀ | ୧,୦୧୦ |
| ୧୪. | ଡାକ ଓ ତାର ପିଅନ | ୫୧ |
| ୧୫. | ପୁଲିସ୍ କନେଷ୍ଟବଳ ଆଦି | ୮୪୭ |
| ୧୬. | ଜଗୁଆଳୀ, ଚୌକୀଦାର ଓ ଦରୱାନ୍ ଆଦି | ୩୩୧ |
| ୧୭. | ମାଳୀ | ୭୪୪ |




Digitized by: Odishaarchives.gov.in for Gopabandhu Academy of Administration, Odisha